



# ସରିଲା ରୌପ୍ୟନଗରୀରେ 'ରଜ ମଉଜ'





"ଐତିହାସିକ ସହରରେ ପାନ ଖାଇ ଓ ଖୁଆଇ ପହିଲି ରଜକୁ ଗତ ୧୪ ତାରିଖରେ ସ୍ୱାଗତ କରାଯାଇଥିଲା। ପାଦ'ରେ ଅଳତା, ମଥାରେ କୁଙ୍କୁମ, ଆଖିରେ କଜଳ-ଏମିତି 'ରଜ ଶୃଙ୍ଗାର'ର ସ୍ପର୍ଶରେ ଚମକି ଉଠିଥିଲେ କୁଆଁରୀ ଲଳନା। ବୁଢ଼ା ବାପାଙ୍କ ସତରଞ୍ଜି, ବୁଢ଼ୀ ମା'ର ତାସ ପାଲି, ନୂଆ ଭାଉଜଙ୍କ ଲୁଡୁ ଆଉ ଯୁବକଙ୍କ ବାଗୁଡି ଖେଳରେ ୩ଦିନ ଜମି ଥିଲା ଏହି ପାରମ୍ପରିକ ଗଣପର୍ବ। ରବିବାର ଚଳିତ ରଜ ମଉଜର ଥିଲା ଅନ୍ତିମ ଦିନ"



କଟକ, ୧୬।୬(ସମିସ): ରୌପ୍ୟନଗରୀରୁ ରବିବାର ବିଦାୟ ନେଇଛି 'ରଜ'। ଶେଷ ରଜକୁ ଖୁବ୍ ଧୁମଧାମରେ ପାଳନ କରିଥିଲେ କଟକବାସୀ। ୩ ଦିନ ଧରି ପାଳନ ହେଉଥିବା ଏହି ଗଣପର୍ବକୁ ଆହୁରି ସ୍ମରଣୀୟ କରିବା ପାଇଁ ବିଭିନ୍ନ ସ୍ଥାନରେ ରଜ ମଉଜ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଜେଇ ହୋଇ ଦୋଳି ଖେଳିଥିଲେ କୁଆଁରୀ ଝିଅଠାରୁ ଆରମ୍ଭ କରି ବିବାହିତା ନାରୀ। ପିଲାଠୁ ବୁଢା ସମସ୍ତେ ରଜପର୍ବରେ ନିଜକୁ ସାମିଲ କରି ଏହି ପର୍ବର ମଜା ନେଇଥିଲେ। ପିଠା, ମିଠା, ପାନ ଓ ଦୋଳିର ଆସର ସହ ପାରମ୍ପରିକ ନାଚଗୀତର ପ୍ରତିଯୋଗିତା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମାହୋଲକୁ ଆହୁରି ରଙ୍ଗୀନ କରିଦେଇଥିଲା। ଗତ ୨ଦିନ ଭଳି ଆଜି ଝିଅ ଓ ମହିଳାମାନେ ପାଦରେ ଅଳତା, ମଥାରେ କୁଙ୍କୁମ ଏବଂ ନବବସ୍ତ୍ର ପରିଧାନ କରି ରଜପର୍ବର ମଜା ନେଇଥିଲେ। ପୂର୍ବ ଦିନ ଭଳି ରଜପାନର ସ୍ୱାଦ ନେବାକୁ ଦୋକାନ ଗୁଡ଼ିକରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ଘରେ ଘରେ ପିଠାପଣା ସହିତ ବିଭିନ୍ନ ପ୍ରକାରର ବ୍ୟାଞ୍ଜନ ପରସା ଯାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସ୍ଥାନରେ ତାସ୍, ଲୁଡୁ ଓ ବାଗୁଡ଼ି ତଥା କବାଡି ଖେଳର ଆସର ଜମିଥିଲା। ବିଶେଷ କରି ଧବଳେଶ୍ୱର ଗଡ଼ାରେ ଆଜି ଶହଶହ ମହିଳା, ଯୁବକ ଏବଂ ଯୁବତୀ ଏକାଠି ହୋଇ ଶେଷ ରଜର ମଜା ଉଠାଇଥିଲେ।

ସହରର ବିଭିନ୍ନ ସ୍ଥାନରେ ଆଜି ଦୋଳି ପ୍ରତିଯୋଗିତା କରାଯାଇଥିଲା। ସାହିବସ୍ତିରେ ଦୋଳି ଲାଗିଥିବା ବେଳେ ଶହ ଶହ ସ୍ଥାନୀୟ ମହିଳା, ଯୁବତୀମାନେ ରଜ ଦୋଳିରେ ବସି ରଜ ଗୀତ ଗାଉଥିବାର ଦୃଶ୍ୟ ଆକର୍ଷଣୀୟ ଥିଲା। ପୁରୀଘାଟ, ଦୋଳମୁଣ୍ଡାଇ, ହରିପୁର, ବକ୍ସିବଜାର, ବିଡ଼ାନାସୀ, କଲେଜଛକ, ସିଡିଏ ଭଳି ସହରର ବହୁ ଅଞ୍ଚଳରେ ରଜ ଉତ୍ସବ ଉପଲକ୍ଷେ ଦୋଳିଖେଳ ପ୍ରତିଯୋଗିତା କରାଯାଇଥିଲା। ଆସନ୍ତା କାଲି ବସୁମତୀ ସ୍ନାନ ପାଳନ କରାଯିବ। ରଜ ପାଇଁ ଆଜି ସହରର ସପିଂମଲ୍ ସମ୍ମୁଖରେ ବ୍ୟବସାୟୀମାନେ ମେହେନ୍ଦି ପସରା ମେଲାଇ ବସିଥିଲେ। ଗୋଟିଏ ହାତ ପିଛା ମେହେନ୍ଦି ଦର ୨୦୦ ଟଙ୍କା ରହିଥିବାବେଳେ ଡିଜାଇନ୍ ଅନୁଯାୟୀ ଭିନ୍ନ ଭିନ୍ନ ଦର ରହଥିଲା। ବିଭିନ୍ନ ସପିଂମଲ୍ ସମ୍ମୁଖରେ ଉତ୍ତରପ୍ରଦେଶ, କୋଲକାତା, ରାୟପୁର ଓ ଛତିଶଗଡ଼ ଅଞ୍ଚଳର ବ୍ୟବସାୟୀମାନେ ମେହେନ୍ଦୀ ବ୍ୟବସାୟ କରୁଛନ୍ତି। ସେଠାରେ ମେହେନ୍ଦୀ କରିବା ପାଇଁ ଯୁବତୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ସେହିପରି ରଜ ଉପଲକ୍ଷେ ବକ୍ସିବଜାର, ସିଡିଏ, ଖାନନଗର, ଦୋଳମୁଣ୍ଡାଇଠା, କଲେଜଛକ ଓ ଓଏମ୍‌ପି ଅଞ୍ଚଳରେ ବନାରସୀ ପାନ ଦୋକାନ ଖୋଲଥିଲା। ପାନ ଦର ୧୦ରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଯେଉଁଥିରେ ମିଠା ପାନ ଗୋଟା ୧୦ ଟଙ୍କା, କାଜୁ-ପିସ୍ତା ପାନ ୩୦ ଟଙ୍କା, ଚକୋଲେଟ ପାନ ୫୦ ଟଙ୍କା, ଫାୟାର ଓ ବନାରସୀ ପାନ୍ ୨୦ ଟଙ୍କା, ଏ-୧ ସ୍ପେଶାଲ ରଜ ପାନ ଦର ଗୋଟା ୧୦୦ ରହିଥିଲା। ରଜ ବଜାରରେ ପୋଡ଼ପିଠା ଦର କିଲୋ ପିଛା ୩୦୦ ଟଙ୍କାରେ ବିକ୍ରୟ ହେଉଥିଲା। ଏଭଳି ଭାବେ ରୌପ୍ୟନଗରୀରୁ ଚଳିତ ରଜ ପର୍ବ ବିଦାୟ ନେଇଛି। ପୁଣି ଆର ବର୍ଷକୁ ଅପେକ୍ଷା।





## ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତିର ରଜ ମହୋତ୍ସବ



କଟକ, ୧୬।୬(ସମିସ): ଓଡିଆ ବଜାର ନେତାଜୀ ଯୋଗ ଶିକ୍ଷାରେ ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ପକ୍ଷରୁ ରଜ ମହୋତ୍ସବ ଯୋଗଗୁରୁ ସାଗରିକା ଜେନାଙ୍କ ନେତୃତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି। ଆମର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏହା ଏକ ସୁନ୍ଦର ପର୍ବ ମନକୁ ଖୁସି ରଖିବା ପାଇଁ ଓଡ଼ିଆର ପିଠା ପଣାର ପ୍ରଚାର ପ୍ରସାର କରିବା ସହ ମା' ବସୁଧାକୁ ପୂଜା ସମ୍ମାନ କରିବା ଏଭଳି ବିଶେଷ କିଛି ଲକ୍ଷ୍ୟ ପୂରଣ କରିବାର ପ୍ରୟାସ ବୋଲି ଅତିଥିମାନେ ନିଜର ମତ ପ୍ରଦାନ କରିଥିଲେ। ମୁଖ୍ୟଅତିଥିଭାବେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ଆଦିତ୍ୟ ଧଳ, ସମ୍ମାନୀୟ ଅତିଥି ଶୁଭନ୍ଦେଷ ରଥ ଓ ପୁଲିସ ଅଧିକାରୀ ପ୍ରସନ୍ନ ଜେନା ଯୋଗଦେଇଥିଲେ। ନୀରିକ୍ଷକ ଭାବେ ବନ୍ଦିତା ମହାପାତ୍ର ଓ ଅବିନାଶ କେଡ଼ିଆ ଉପସ୍ଥିତ ଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଞ୍ଜଳି ଦାସ, ସୋନାଲି ଦାସ, ଟିନା ଦେବତା, ସୌଦାମିନୀ ମିଶ୍ର, ମଞ୍ଜୁଲତା ବେହେରା, ମିନତୀ ବେହେରା, ସବିତା ବେହେରା, ମମତା ବେହେରା କୃତିତ୍ୱ ଅର୍ଜନ କରିଥିଲେ। ସନ୍ଧ୍ୟାରାଣୀ ପରିଡ଼ା, ମଧୁସ୍ମିତା ଚୌଧୁରୀ, କୃଷ୍ଣା ଦାସ, ସୁଜାତା ବେହେରା, ଦୀପ୍ତିମୟୀ ବେହେରା, ମିନାରାଣୀ ବାରିକ, ଉର୍ମିଳା ବାରିକ୍, ପୂଜା ବେହେରା, ୱାଇ ତୁଳସୀ, ସୁଶିଳା ବେହେରା, ମିନତୀ ସେଠୀ, କନକଲତା ସେଠୀ, ବର୍ଷା ସେଠୀ, ସୁଚରିତା ପରିଡ଼ା, ରବୀନ୍ଦ୍ର ପରିଡ଼ା, ଶଶିକାନ୍ତ ପୃଷ୍ଟି, ବିନୋଦିନୀ ସାହୁ ପ୍ରଭୃତି ଅନେକ ମହିଳା ଉପସ୍ଥିତ ଥିଲେ। ଦୀପ୍ତିମୟୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## କଟକ ସହର ତେଲି ସମାଜର ରଜ ମହୋତ୍ସବ

କଟକ, ୧୬।୬(ସମିସ): କଟକ ସହର ତୈଳିକ (ତେଲି) ସମାଜର ଚଳିତ ବର୍ଷ ରଜ ମହୋତ୍ସବ ୨୦୨୪ ଚାଉଳିଆଗଞ୍ଜ ଶ୍ରଦ୍ଧା ଗାର୍ଡେନ ଠାରେ ସଭାପତି ନିରଞ୍ଜନ ସାହୁଙ୍କ ପୌରାହିତ୍ୟରେ ଧୂମଧାମରେ ପାଳିତ ହୋଇଯାଇଛି। ଉକ୍ତ ମହୋତ୍ସବକୁ କଟକ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରୁଚି ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ମହିଳା ସଂଗଠନ ସଭାନେତ୍ରୀ ବାସନ୍ତୀ ସାହୁ, ସମ୍ପାଦିକା ପ୍ରଜ୍ଞା ସାହୁ, ସୁବାସିନୀ ସାହୁ, ସବିତା ସାହୁ, ମିନା ସାହୁ, ପଦ୍ମିନୀ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ। ଏଥିରେ ତିନୋଟି ବିଭାଗରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ପୁଚି, ହୁଳହୁଳି, ରଜ ସୁନ୍ଦରୀ ଓ ପିଠା ଇତ୍ୟାଦିର ପ୍ରତିଯୋଗିତା ହୋଇ ପ୍ରାୟ ୨୦୦ କୃତି ପ୍ରତିଯୋଗୀଙ୍କୁ ସନ୍ଧ୍ୟା ଅଧିବେଶନରେ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା ଅଧିବେଶନକୁ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ୧୯ ଦିଗଭାଗ ସଂକୀର୍ତ୍ତନମଣ୍ଡଳୀ ସର୍ବାଧିକାରୀ ବୀରେନ୍ଦ୍ର ସାହୁ ଉଦଘାଟନ କରିଥିଲେ। ସନ୍ଧ୍ୟା ଅଧିବେଶନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱଜାତୀୟ ମହିଳା ଓ ଝିଅ ମାନେ ବିଶେଷକରି ରଜ ମୌଜରେ ଝୁମି ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ରାକେଶ କୁମାର ସାହୁ, ରବୀନ୍ଦ୍ର ସାହୁ, ଅକ୍ଷୟ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଜଗବନ୍ଧୁ ସାହୁ, ଅଜୟ ସାହୁ, ଚନ୍ଦନ ସାହୁ, ସୁକାନ୍ତ ସାହୁ, ମନୋରଞ୍ଜନ ସାହୁ, ଦିଲୀପ ସାହୁ, ନରେନ୍ଦ୍ର ସାହୁ ପ୍ରମୁଖ ସୁପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଶ୍ୱମ୍ବର ସାହୁ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।




## ପତଞ୍ଜଳି ପକ୍ଷରୁ ଯୋଗ ଦିବସ ପ୍ରସ୍ତୁତି ବୈଠକ

କଟକ, ୧୬।୬(ସମିସ): ଆସନ୍ତା ଜୁନ ୨୧ ତାରିଖରେ ସାରା ବିଶ୍ୱରେ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହେବାକୁ ଯାଉଛି। ପତଞ୍ଜଳି ଯୋଗପୀଠ ପକ୍ଷରୁ କଟକ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ମହାସମାରୋହରେ ପାଳନ କରିବା ନିମନ୍ତେ ରାଜ୍ୟ ପ୍ରଭାରୀ ସୁଧାଂଶୁ ଅଧିକାରୀଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାରୀ ରାଧାମାଧବ ବହିଦାର, ସ୍ୱର୍ଣ୍ଣ ପ୍ରକାଶ ମହାପାତ୍ର, ଅମୃତାଂଶୁ ପ୍ରଧାନ, କ୍ଷିତୀଶ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ମହାନ୍ତି, ସୁନିଲ ଶର୍ମା, ଶିଶିର ଜେନା, ନିମାଇଁ ଜେନା, କିଶୋର ସାଗର, ସମୀର ନାୟକ, ସ୍ୱରୂପ ସାହୁ, ସବିତା ପରିଡ଼ା ଓ ସୁରଭି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ଯୋଗଦିବସ କଟକ ସ୍ଥିତ ୬ଷ୍ଠ ଓଏସ୍‌ଏପି ବ୍ୟାଟାଲିୟନ୍ ପଡ଼ିଆରେ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜୁନ୍ ୨୧ ତାରିଖ ସକାଳ ୫ ଘଟିକା ସମୟରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଉପସ୍ଥିତିରେ କମନ୍ ଯୋଗ ପ୍ରୋଟୋକଲ ଅଭ୍ୟାସ କରାଯିବ। ସୁନିଲ ଶର୍ମା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଧନ୍ୟବାଦ ଦେଇଥିଲେ।




# ଜିଲ୍ଲାରେ ୪ ଶୀତଳଭଣ୍ଡାର ନିଷ୍ପତ୍ତି ଝୁଲୁଛି

କଟକ, ୧୬।୬(ସମିସ): କୃଷି ପ୍ରଧାନ କଟକ ଜିଲ୍ଲାରେ ଉତ୍ପାଦିତ ପନିପରିବା ସଂରକ୍ଷଣ ପାଇଁ ଆବଶ୍ୟକ ଶୀତଳଭଣ୍ଡାର ଅଭାବ ରହିଆସିଛି। ଜିଲ୍ଲାରେ ସମବାୟ ବିଭାଗର ଥିବା ବହୁ ଶୀତଳଭଣ୍ଡାର ଦୀର୍ଘ ଦଶନ୍ଧି ଧରି ଅଚଳ ହୋଇପଡ଼ିଛି। ତେବେ ଏହି ଶୀତଳଭଣ୍ଡାର ଗୁଡିକ କେବେ କାର୍ଯ୍ୟକ୍ଷମ ହେବ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ପବ୍ଲିକ ପ୍ରାଇଭେଟ ପାଟନରସିପ(ପିପିପି)ରେ ପୁନରୁଦ୍ଧାର କରିବା ପାଇଁ ଏକଦା ପ୍ରୟାସ ହୋଇଥିଲା। ଏପରିକି ଜିଲ୍ଲାରେ ୪ଗୋଟି ଶୀତଳଭଣ୍ଡାର ପିପିପିରେ ସ୍ଥାପନ କରାଯିବା କଥା। ହେଲେ ବର୍ଷାଧିକ କାଳ ଧରି ଏହି ନିଷ୍ପତ୍ତି ମଧ୍ୟ ଝୁଲିରହିଛି। କଟକ ଜିଲ୍ଲା ସମବାୟ ବିଭାଗର ଉପନିବନ୍ଧକଙ୍କ କହିବାନୁସାରେ ଜିଲ୍ଲାର ଅଚଳ ହୋଇପଡ଼ିଥିବା ସମବାୟ ବିଭାଗର ୪ଗୋଟି ଶୀତଳଭଣ୍ଡାରକୁ ପବ୍ଲିକ ପ୍ରାଇଭେଟ ପାର୍ଟନରସିପ (ପିପିପି)ରେ ଚଳାଇବା ପାଇଁ ବାଟ ଫିଟିଥିଲା। ଏପରିକି ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଏହା ସରକାରଙ୍କ ବିଚାରାଧିନ ରହିଛି। ସାଲେପୁରର ବହୁଗ୍ରାମ, କଟକ ସଦରର ବୟାଳିଶମୌଜା, ନିଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲକ୍ଷେଶ୍ୱର ଓ ଆଠଗଡ଼ରେ ବନ୍ଦ ହୋଇପଡ଼ିଥିବା ସମବାୟ ଶୀତଳଭଣ୍ଡାରକୁ ପିପିପିରେ ଚଳାଇବା ପାଇଁ ଏକାଧିକ ଆବେଦନ ହୋଇଥିଲା। ଆବେଦନକାରୀମାନଙ୍କ ପକ୍ଷରୁ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଏନେଇ ତଥ୍ୟ ଉପସ୍ଥାପନ କରାଯିବା ପରେ ଏହାକୁ ସରକାରଙ୍କ ନିକଟକୁ ପଠାଯାଇଥିଲା।



ପିପିପିରେ ହୋଇଥାନ୍ତା କାର୍ଯ୍ୟକ୍ଷମ

ଇତିମଧ୍ୟରେ ୬ମାସ ବିତିଥିଲେ ମଧ୍ୟ ଏହି ପ୍ରକ୍ରିୟା ଶେଷ ହୋଇନାହିଁ। ମିଳିଥିବା ସୂଚନାନୁସାରେ ପ୍ରଥମେ ୧୫ବର୍ଷ ପାଇଁ ଓ ପରେ ସଂସ୍ଥାର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଉ ୧୦ବର୍ଷ ପାଇଁ ଲିଜ୍ ସୂତ୍ରରେ ଏହି ଶୀତଳଭଣ୍ଡାର ପୁନଃପ୍ରତିଷ୍ଠା ପାଇଁ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ଉପରୋକ୍ତ ୪ଟି ସ୍ଥାନରେ ସମବାୟ ଶୀତଳଭଣ୍ଡାର ଗୁଡିକ ପୁନଃକାର୍ଯ୍ୟକ୍ଷମ ହେଲେ ପ୍ରାୟ ୨୦ହଜାର ମେଟ୍ରିକ ଟନ ପନିପରିବା ସଂରକ୍ଷଣ ହୋଇପାରିବ ବୋଲି କୁହାଯାଉଛି। ଏହି ଶୀତଳଭଣ୍ଡାର ଗୁଡିକ ଯେତିକି କ୍ଷମତା ବିଶିଷ୍ଟ ଥିଲା ପିପିପିରେ ଯେଉଁ ସଂସ୍ଥା ନେବ ତାହା ଅଧିକ କ୍ଷମତା ବିଶିଷ୍ଟ କରାଯିବାର ଯୋଜନା ରହିଛି। ପ୍ରକାଶଥାଉକି ଜିଲ୍ଲାର ଜଗତପୁର, କିଶନନଗର, ତ୍ରିଶୁଳିଆ ଆଦି ଅଞ୍ଚଳରେ ହାତଗଣତି ଘରୋଇ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଜଗତପୁରର ୨ଟି ଭଣ୍ଡାରର କ୍ଷମତା ୧୧ ହଜାର ମେଟ୍ରିକ୍ ଟନ୍ ହୋଇଥିବା ବେଳେ ନିଶ୍ଚିନ୍ତକୋଇଲିର ଶୀତଳ ଭଣ୍ଡାର କ୍ଷମତା ୪ ହଜାର ମେଟ୍ରିକ୍ ଟନ୍‌ରେ ରହିଛି। ଯାହାକି ସମୁଦ୍ରକୁ ଶଙ୍ଖେ। କଟକ ଜିଲ୍ଲାରେ କିନ୍ତୁ ଯେତେବେଳେ ଚାଷୀ ଆଳୁ ଉତ୍ପାଦନ କରୁଛି ସେହି ସମୟରେ ମାତ୍ର କିଲୋ ପ୍ରତି ୫ରୁ ୭ଟଙ୍କା ପାଉଛି। ଏ ସବୁକୁ ଗୁରୁତ୍ୱ ଦେଇ ଅଧିକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଦାବି କରିଛନ୍ତି ଚାଷୀ। ଏବେ ଜିଲ୍ଲାରୁ ପ୍ରାୟ ୪୦ ହଜାର ମେଟ୍ରିକ ଟନ୍‌ର ପନିପରିବା ଉତ୍ପାଦନ ହେଉଛି। ଚାହିଦାକୁ ବାଦ୍ ଦେଲେ ଆହୁରି ପ୍ରାୟ ୨୫ ହଜାର ମେଟ୍ରିକ ଟନ୍‌ର ପନିପରିବା ସଂରକ୍ଷଣର ଆବଶ୍ୟକତା ରହିଛି।

■ ସିସିଟିଭି ଫୁଟେଜ୍‌ରୁ ମିଳିଲା ସତ୍ୟତା

## ଚର୍ଚ୍ଚରେ ବୋମା ନୁହେଁ, ହୋଇଥିଲା ବାଣ ବିସ୍ଫୋରଣ

କଟକ, ୧୬।୬(ସମିସ): କ୍ୟାଣ୍ଟନ୍‌ମେଣ୍ଟ ଥାନା ଅନ୍ତର୍ଗତ ମିଶନ ରୋଡ୍‌ରେ ଥିବା ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚରେ ଗତ ୧୪ ତାରିଖ ରାତିରେ ହୋଇଥିବା ବୋମା ବିସ୍ଫୋରଣ ସତ୍ୟତା ସାମ୍ନାକୁ ଆସିଛି। କେହି ଦୁର୍ବୃତ୍ତ ଚର୍ଚ୍ଚ ପରିସରରେ ବାଣ ଫୁଟେଇଥିବା ସିସିଟିଭି ଫୁଟେଜ୍‌ରୁ ସ୍ପଷ୍ଟ ହୋଇଛି ବୋଲି ଚର୍ଚ୍ଚ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଗତ ଶୁକ୍ରବାର ରାତି ୯ଟା୩୦ରେ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚ ପରିସରରେ ଏକ ବିସ୍ଫୋରଣ ଘଟିଥିଲା। ଘଟଣାସ୍ଥଳରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ପହଞ୍ଚି ଫାଟିଥିବା ବାଣର କିଛି ଅଂଶ ଏବଂ କାଗଜ ଟୁକୁଡା ଜବତ କରିଥିଲେ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଜବତ କରାଯାଇ ପୁଲିସ ତଦନ୍ତ ଜାରି ରଖିଥିଲା। ଘଟଣା ସମ୍ପର୍କରେ କ୍ୟାଣ୍ଟନ୍‌ମେଣ୍ଟ ପୁଲିସକୁ ପଚାରିବାରୁ ଜଣାପଡ଼ିଛି ଯେ, ବିସ୍ଫୋରଣ ଘଟିଥିବା ବୋମାଟି ମାରାତ୍ମକ ତଥା ଭୟଙ୍କର ବୋମା ନୁହେଁ, ଏହା ଏକ ବଡ କ୍ରାକର୍ ବା ବାଣ। ଆଜି ବାପ୍ଟିଷ୍ଟ ଚର୍ଚ୍ଚ ପକ୍ଷରୁ ବୋମା ନୁହେଁ ବରଂ ବାଣ ଫୁଟିଥିବା କୁହାଯାଇଛି।

## ଗ୍ରାମାଞ୍ଚଳରେ ସିଡିଏମଓଙ୍କ ସମୀକ୍ଷା

# ‘ସ୍ୱାସ୍ଥ୍ୟକର୍ମୀ ହେବେ ଅଧିକ କ୍ରିୟାଶୀଳ’

କଟକ, ୧୬।୬(ସମିସ)

ସମସ୍ତଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବା ଭଳି ବ୍ୟବସ୍ଥା ରାଜ୍ୟ ସରକାର ଉପଲବ୍ଧ କରିଛନ୍ତି। ପ୍ରତ୍ୟେକ ରୋଗୀ ସଠିକ ସମୟରେ ଚିକିତ୍ସା ପାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳରେ ଆଶା, ଏଏନଏମ, ଏଲଏଚ୍‌ଭିଙ୍କ ଭଳି ଅନେକ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହୋଇଛନ୍ତି। କିନ୍ତୁ ସେମାନେ ଠିକ ଢ଼ଙ୍ଗରେ

**● ଦାୟିତ୍ୱ ସୁଚାରୁରୂପେ ତୁଲାଉନାହାନ୍ତି ସ୍ୱାସ୍ଥ୍ୟକର୍ମୀ**

**● ଅନୁପସ୍ଥିତ ରହୁଛନ୍ତି ଏକାଧିକ ପିଏଚ୍‌ସି, ସିଏଚ୍‌ସି ଇନଚାର୍ଜ**

ନିଜ ଦାୟିତ୍ୱ ନିର୍ବାହ କରୁନାହାନ୍ତି। କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡାକ୍ତର ମକରନ୍ଦ ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଲଗାତାର ଭାବେ ଜିଲ୍ଲାର ବିଭିନ୍ନ ବ୍ଲକ ଅନୁଧ୍ୟାନ କରିବା ପରେ ଏହା ଜଣାପଡ଼ିଛି। ଗତ କିଛି ଦିନ ଭିତରେ ସୁବର୍ଣ୍ଣପୁର, ଟାଙ୍ଗୀ, ନିଆଳି, ବେଣ୍ଟକାର, ଅଡଶପୁର, ମହୀଧରପଡ଼ା ଆଦି ଅଞ୍ଚଳ ଅନୁଧ୍ୟାନ କରାଯାଇଛି। ତେବେ ସ୍ୱାସ୍ଥ୍ୟକର୍ମୀ କିପରି ଅଧିକ କ୍ରିୟାଶୀଳ ହେବେ ସେ ଦିଗରେ ଏବେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ବୈଠକ ଡକାଯାଉଛି। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ବ୍ୟାପକ କରାଯିବା ପାଇ ଯୋଜନା କରୁଛି ସିଡିଏମଓଙ୍କ କାର୍ଯ୍ୟାଳୟ। ସିଡିଏମଓ ଡାକ୍ତର ବେଉରା କହିଛନ୍ତି ଯେ, ସ୍ୱାସ୍ଥ୍ୟ ଜଗତରେ ସ୍ୱାସ୍ଥ୍ୟକର୍ମୀ ମାନେ ହେଉଛନ୍ତି ପ୍ରକୃତ ଯୋଦ୍ଧା। ସେମାନେ ତତ୍ପର ରହିଲେ ହିଁ ଗ୍ରାମାଞ୍ଚଳରେ କୌଣସି ବଡ ଧରଣର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ ନାହିଁ। ଏଣୁ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ବିଶେଷ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଛନ୍ତି। ଏହାଛଡ଼ା ସ୍ୱାସ୍ଥ୍ୟ ବିଭାଗର ଟିମ୍ ପରିଦର୍ଶନ ସମୟରେ ଜିଲ୍ଲାର ଏକାଧିକ ପିଏଚ୍‌ସି, ସିଏଚ୍‌ସି ଇନଚାର୍ଜ ଅନୁପସ୍ଥିତ ରହୁଥିବା ଜଣାପଡ଼ିଥିଲା। ଏ କ୍ଷେତ୍ରରେ ସେମାନଙ୍କୁ ତାଗିଦ୍ କରାଯାଇଛି ବୋଲି ସିଡିଏମଓ କହିଛନ୍ତି।

**● ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି**

### ଚିହ୍ନଟ ହେଲା ୫୫ଟି ତଳିଆ ଅଞ୍ଚଳ ଗାଁ

ବର୍ଷା ଆରମ୍ଭ ହେବା ପୂର୍ବରୁ ବନ୍ୟା, ବାତ୍ୟା ମୁକାବିଲା ପାଇଁ ପଦକ୍ଷେପ ନିଆଯାଉଛି। କେଉଁ ସବୁ ଦିଗରେ ପ୍ରାକ୍ ପ୍ରସ୍ତୁତି ଗ୍ରହଣ କରାଯିବ ସେ ଦିଗରେ ଦୃଷ୍ଟି ଦେଉଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ସିଡିଏମଓ ଡାକ୍ତର ବେଉରାଙ୍କ ସୂଚନା ମୁତାବକ, ଜିଲ୍ଲାରେ କୌଣସି ଜନଜୀବନ କିପରି ହାନି ନ ଘଟିବ ତାହାକୁ ନଜରରେ ରଖି ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଜିଲ୍ଲାରେ ମୋଟ୍ ୫୫ଟି ଗାଁ ତଳିଆ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ବନ୍ୟା ପରିସ୍ଥିତି ଉପୁଜିଲେ ଏହି ଗାଁ ଗୁଡିକ ଜଳମଗ୍ନ ହେବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୁକାବିଲା କରିବାକୁ ସ୍ୱାସ୍ଥ୍ୟ ବିଭାଗ ସଜାଗ ହେଉଛି ବୋଲି ସିଡିଏମଓ କହିଛନ୍ତି।

ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଥଇଥାନ କରିବା ପାଇଁ ବିଭିନ୍ନ ଗ୍ରାମରେ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ବନ୍ୟା କିମ୍ବା ବାତ୍ୟା ସମ୍ଭାବନା ଦେଖାଦେଲେ ଏଠାରେ ପ୍ରଥମେ ଆଶାକର୍ମୀ ନିୟୋଜିତ ହେବେ। ଆବଶ୍ୟକୀୟ ସମସ୍ତ ପ୍ରକାର ଔଷଧ, ଓଆରଏସ୍, ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଆଦି ଆଶାକର୍ମୀଙ୍କୁ ଯୋଗାଇ ଦିଆଯିବ। ଏବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ୧୯ ଲକ୍ଷ ପ୍ୟାକେଟ୍ ଓଆରଏସ୍ ପାଉଡର ମହଜୁଦ ହୋଇ ରହିଛି। ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ଅଧିକ ପ୍ୟାକେଟ ଓଆରଏସ୍ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ମଗାଯିବ। ଏହାଛଡ଼ା ଜିଲ୍ଲାର ସମସ୍ତ ହସ୍ପିଟାଲରେ ଏବେ ଠାରୁ ସାପ କାମୁଡା ଇଞ୍ଜେକସନ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ମୋଟ ୫୮ଟି ପିଏଚ୍‌ସି ଏବଂ ୨୧ଟି ସିଏଚ୍‌ସିରେ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡା ଇଞ୍ଜେକସନ ଗଚ୍ଛିତ ରଖାଯିବ। ସେହିପରି ଜିଲ୍ଲା ଓ ବ୍ଲକ ସ୍ତରରେ କଣ୍ଟ୍ରୋଲ ରୁମ ଖୋଲାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା, ବାତ୍ୟା ପରିସ୍ଥିତିରେ ଯଦି ବିଚ୍ଛିନାଞ୍ଚଳ ସୃଷ୍ଟି ହୁଏ ସେଥି ପାଇଁ ଭିନ୍ନ ପଦକ୍ଷେପ ନିଆଯିବ।

## ନରସିଂହପୁର ବିଧାୟକଙ୍କ ବିଭିନ୍ନ ଅଞ୍ଚଳ ପରିଦର୍ଶନ



ନରସିଂହପୁର, ୧୬।୬(ସମିସ): ବଡ଼ମ୍ବା ନରସିଂହପୁରର ନବନିର୍ବାଚିତ ବିଧାୟକ ବିଜୟ ଦଳବେହେରା ନରସିଂହପୁର ପଶ୍ଚିମାଞ୍ଚଳ ଜିଳିଣ୍ଡା ଓ କମଳାଡିହର ଯୋଡୁମ ପ୍ରାଙ୍ଗଣା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଯୋଡୁମ, କମଳାଡିହ, ସାନଗାଁ ଆଦି ଅଞ୍ଚଳ ପରିଦର୍ଶନ କରିବା ସହ ଲୋକଙ୍କ ପାଖକୁ ଯାଇ ଆଶିର୍ବାଦ ଓ ଶୁଭେଚ୍ଛା ଗ୍ରହଣ କରିଛନ୍ତି। ସାନ ଗାଁରେ ଲୋକମାନେ ବନ୍ଦାପନା କରିବା ସହ ନବନିର୍ବାଚିତ ବିଧାୟକ ଶ୍ରୀ ଦଳବେହେରାଙ୍କ ସହ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ନବ ନିର୍ବାଚିତ ବିଧାୟକଙ୍କୁ ପାଖରେ ଦେଖି ଅଞ୍ଚଳବାସୀ ଭାବବିହ୍ୱଳ ହୋଇପଡ଼ିଥିଲେ। ବିଶେଷ କରି ପଶ୍ଚିମାଞ୍ଚଳରେ ଥିବା ବ୍ରାଘ୍ୟ ପ୍ରକଳ୍ପକୁ ଉଚ୍ଛେଦ କରିବା ଯେଉଁ ଦାବି ରଖିଥିଲେ ବିଧାୟକ ସେନେଇ ଶପଥ ଗ୍ରହଣ ପରେ ଖୁସି ଖବର ମିଳିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନରସିଂହପୁର ପଶ୍ଚିମାଞ୍ଚଳରେ ବିଶେଷ କରି ବହୁତ ଦିନ ଧରି ଲାଗି ରହିଥିବା ସମସ୍ୟା ଶୀଘ୍ର ଦୂର ହେବ ଓ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ଦଳବେହେରା କହିଛନ୍ତି।

## ମଦ ଦୋକାନ ଆଗରେ ଗୋଷ୍ଠୀ ସଂଘର୍ଷ; ୨ ଗୁରୁତର

**କଟକ, ୧୬।୬(ସମିସ):** ସଦର ଥାନା ଅନ୍ତର୍ଗତ ଶଙ୍ଖତ୍ରାସଠାରେ ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ୨ ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି। ତନ୍ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶଙ୍ଖତ୍ରାସ ମଦ ଦୋକାନ ସମ୍ମୁଖରେ ୨ ଗୋଷ୍ଠୀ ପୂର୍ବ ଶତ୍ରୁତାକୁ ନେଇ ମୁହାଁମୁହିଁ ହୋଇଥିଲେ। ଗୋଟିଏ ଗୋଷ୍ଠୀର ୩ ଜଣ ବ୍ୟକ୍ତି ଅନ୍ୟ ଗୋଷ୍ଠୀର ୨ ଜଣଙ୍କୁ ଏକ ଲୁହା ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ୨ ଜଣ ଗୁରୁତର ହୋଇ ପଡ଼ିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କରିବା ସହ ସ୍ଥାନୀୟ ଲୋକଙ୍କର ବୟାନ ରେକର୍ଡ କରିଛି।

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

**ମାହାଙ୍ଗା, ୧୬।୬(ସମିସ):** ମାହାଙ୍ଗା ଥାନା କୁମୁଡାଜୟପୁର ଫାଣ୍ଡି ଅଧୀନ ମଧୁପୁର ପଞ୍ଚାୟତ ଘିସୁଆଁ ଗ୍ରାମରେ ପାରିବାରିକ କଳହକୁ ନେଇ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଏହି ଗ୍ରାମର ଲକ୍ଷ୍ମଣ ମହାରଣା (୩୮) ନିଜ ପତ୍ନୀ କବିତା ମହାରଣାଙ୍କ ସହ କୌଣସି କାରଣକୁ ନେଇ ମନାନ୍ତର ଲାଗି ରହିଥିଲା। ଲକ୍ଷ୍ମଣ ତାଙ୍କ ପତ୍ନୀ କବିତାକୁ ପ୍ରାୟ ସମୟରେ ମାରଧର କରୁଥିଲେ। ଏ ନେଇ ପତ୍ନୀ କବିତା କୁମଡା ଜୟପୁର ଫାଣ୍ଡିରେ ସ୍ୱାମୀ ଲକ୍ଷ୍ମଣଙ୍କ ନାମରେ ଗତ ୧୩ ତାରିଖ ଦିନ ଗୁରୁବାର ଦିନ ଲିଖିତ ଅଭିଯୋଗ କରିଥିଲେ। ପତ୍ନୀ ଲକ୍ଷ୍ମଣଙ୍କ ନାମରେ ଅଭିଯୋଗ କରିଥିବା ଜାଣିବା ପରେ ଘରେ କେହି ନ ଥିବାର ସୁଯୋଗ ନେଇ ଲକ୍ଷ୍ମଣ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପତ୍ନୀ ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇବା ପରେ ଫାଣ୍ଡି ପୁଲିସ ପହଞ୍ଚି ଲକ୍ଷ୍ମଣଙ୍କ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିଲେ। ଲକ୍ଷ୍ମଣଙ୍କ ମୃତ୍ୟୁ ସମ୍ପର୍କରେ ଫାଣ୍ଡି ଅଧିକାରିଣୀ ଶକୁନ୍ତଳା ଦାସଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିବ। ଅପର ପକ୍ଷରେ ଏହି ମୃତ୍ୟୁକୁ ନେଇ ନାନା କଥା ଶୁଣିବାକୁ ମିଳୁଥିବାବେଳେ ଏହି ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ଯୁବନେତା

ନିଆଳି, ୧୬।୬(ସମିସ): ବିଜେପି ଯୁବ ମୋର୍ଚ୍ଚାର କଟକ ଜିଲ୍ଲା ସମ୍ପାଦକ ମିହିର ନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ଜଣାଯାଇଛି। ସେ ରାଜ୍ୟ ଅତିଥି ଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳର ସାଂଗଠନିକ ଅବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଗତ ବିଧାନସଭା ନିର୍ବାଚନରେ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପିର ବିଜୟ ପାଇଁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଆଗାମୀ ଦିନରେ ଜିଲ୍ଲାରେ ଦଳର ସଂଗଠନକୁ ଆହୁରି ମଜଭୁତ କରାଯିବ ବୋଲି ମିହିର କହିଛନ୍ତି।

## ପୂଜକଙ୍କ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି, ୧୬।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ଜିଗ୍ନୀପୁର ବ୍ରହ୍ମକ୍ଷେତ୍ର ପୀଠ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରର ପୂଜକମାନେ ମାହାଙ୍ଗାର ନବନିର୍ବାଚିତ ବିଧାୟକ ଶାରଦା ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିବା ସହିତ ନୀତିକାନ୍ତିର ସୁପରିଚାଳନା ପାଇଁ ବିଧାୟକଙ୍କ ସହଯୋଗ ଲୋଡ଼ିଥିଲେ। ମୁଖ୍ୟ ପୂଜକ ହେମନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ପୂଜକ ପ୍ରୀତିରଞ୍ଜନ ପଣ୍ଡା, ନିତ୍ୟାନନ୍ଦ ପଣ୍ଡା, ପ୍ରଣୟକିଶୋର ପଣ୍ଡା, ଦିଲ୍ଲୀପ ପଣ୍ଡା, ଅନନ୍ତ ପଣ୍ଡା, ଜଗତଜୀବନ ପଣ୍ଡା, ପୂର୍ବତନ ସରପଞ୍ଚ ରଞ୍ଜନ ରାଉତ ଓ ଜଗବନ୍ଧୁ ରାଉତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଆଠଗଡ଼ ସେବା ପ୍ରତିଷ୍ଠାନର ରଜ ମହୋତ୍ସବ



**ଆଠଗଡ଼, ୧୬।୬(ସମିସ):** ଆଠଗଡ଼ ସହରର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଠଗଡ଼ ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଚାଲିଥିବା ୨ଦିନିଆ ରଜ ମହୋତ୍ସବ ରବିବାର ଉଦଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସମାଜସେବୀ ରଞ୍ଜିତା ଭକ୍ତା ଓ ସମ୍ପାଦିକା ସୁନେରା ବେଗମଙ୍କ ପରିଚାଳନାରେ ଦୁଇଦିନ ଧରି ଚାଲିଥିବା ରଜ ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶିଶୁ, ଯୁବତୀ ଓ ମହିଳା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭାଗୀରଥି ସାଗର ପୋଖରୀ ନିକଟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୋଳି ଖେଳ, ନୃତ୍ୟ, ସଙ୍ଗୀତ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଆଦି ଆୟୋଜିତ ହୋଇଥିଲା। ରବିବାର ସଭାପତି ଶ୍ରୀମତି ଭକ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଆଠଗଡ଼ ଶାଖା ମୁଖ୍ୟ ବ୍ରହ୍ମକୁମାରୀ ରୀତା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁଧି ରଞ୍ଜନ ଦାଶ ଓ ଦିଲ୍ଲୀପ କୁମାର ଦାସ ଯୋଗଦେଇ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ରଜର ମହତ୍ୱ ଓ ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଅତିଥିଗଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ସେବା ପ୍ରତିଷ୍ଠାନର ସଦସ୍ୟା ରୂପପଦ୍ମା ପଣ୍ଡା, ରୋଜିନା ଦାଶ, ପ୍ରଣତି ପଣ୍ଡା, ରେବତୀ ସାହୁ, ରଞ୍ଜିତା ଦାସ, ସସ୍ମିତା ସ୍ୱାଇଁ, ସଂଯୁକ୍ତା ବାରିକ, ପ୍ରିୟଙ୍କା ସାହୁ, ଚିନ୍ମୟୀ ବାରିକ ଓ ସୁମିତ୍ରା ନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ଏଏସ୍‌ଜିଆଇ ହସ୍ପିଟାଲର କଟକ ଶାଖା ଉଦ୍‌ଘାଟିତ



**କଟକ, ୧୬।୬(ସମିସ):** ଏଏସ୍‌ଜି ଆଇ ହସ୍ପିଟାଲ୍‌ର କଟକ ଶାଖା ଲିଙ୍କରୋଡ୍‌ସ୍ଥିତ ବଳରାମ ପ୍ଲେସ୍‌ଠାରେ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ, ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟକ ସୋଫିଆ ଫିର୍ଦ୍ଦୋଷ, ସଦର ବିଧାୟକ ପ୍ରକାଶ ସେଠୀ, ଡାକ୍ତର ରାଜା ଅଗ୍ରୱାଲ୍, ଡାକ୍ତର ସୋନାଲି ଷଡ଼ଙ୍ଗୀ, ଡାକ୍ତର ମୋନାଲିସା ପଟ୍ଟନାୟକ ଓ ଡାକ୍ତର ସମର୍ଥ ମିଶ୍ରଙ୍କ ସମେତ ହସ୍ପିଟାଲ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଦେଶବ୍ୟାପୀ ଏହି ଏଏସଜି ହସ୍ପିଟାଲ ଏହାର ବ୍ୟାପକ ଚକ୍ଷୁ ସେବା ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହା ୮୫ ରୁ ଅଧିକ ସହରରେ ୧୬୫ଟି ଶାଖା ବିସ୍ତାର କରି ଉନ୍ନତମାନର ରୋଗୀ ସେବା ଯୋଗାଇ ଦେଉଛି। ଆନ୍ତର୍ଜାତୀୟସ୍ତରରେ ମଧ୍ୟ ଏହି ହସ୍ପିଟାଲର ଖ୍ୟାତି ରହିଛି। ଏଏସ୍‌ଜି ଉଗାଣ୍ଡା ଏବଂ ନେପାଳରେ ହସ୍ପିଟାଲ୍‌ର ପ୍ରତିଷ୍ଠା କରାଯାଇ ଉନ୍ନତମାନର ଚକ୍ଷୁ ସେବା ଯୋଗାଇ ଦିଆଯାଉଛି। ଏଏସଜି ଗ୍ରୁପ ଅଫ ଆଇ ହସ୍ପିଟାଲ ଆଲୁମିନିଙ୍କ ଦ୍ୱାରା ଏହା ପରିଚାଳିତ। କଟକଠାରେ ଏହାର ଶାଖା ପ୍ରତିଷ୍ଠା ହୋଇଥିବା ବେଳେ ଗୁଣାତ୍ମକ ଚକ୍ଷୁ ସେବା ଯୋଗାଇ ଦିଆଯିବ ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି। ଏହି ଏଏସଜି ଗ୍ରୁପ୍‌କୁ ଆନ୍ତର୍ଜାତୀୟ ଆଚିଭର୍ସ ଆୱାର୍ଡ (୨୦୦୯), ୱେଲନେସ୍ ହେଲଥ୍ ଆୱାର୍ଡ (୨୦୧୦), ରାଜୀବ ଗାନ୍ଧୀ ସ୍ୱର୍ଣ୍ଣ ପଦକ ପୁରସ୍କାର (୨୦୧୦) ଏବଂ ଯୁବ ଉଦ୍ୟୋଗୀ ପୁରସ୍କାର (୨୦୧୪) ରେ ସମ୍ମାନିତ କରାଯାଇଛି।

## ସଙ୍କଟମୋଚନଙ୍କ ମନ୍ଦିରରେ ଚାଳିଶା ପାରାୟଣ

**କଟକ, ୧୬।୬(ସମିସ):** ରଜ ସଂକ୍ରାନ୍ତି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଶ୍ରୀ ସଂକଟମୋଚନଙ୍କ ମନ୍ଦିରରେ ଚାଳିଶା ପାରାୟଣ ଓ ବିଶେଷ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ହନୁମାନଜୀଉଙ୍କ ଷୋଡଶ ଉପଚାର ପୂଜା, ସଂକୀର୍ତ୍ତନ, ହୋମ ଓ ପୂର୍ଣ୍ଣାହୂତି ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥଙ୍କ ସମେତ ପଦ୍ମିନୀ କେୟାର ହସ୍‌ପିଟାଲ, ମେଡିକାଲ କଲେଜର ବରିଷ୍ଠ ପଦାଧିକାରୀ ଓ ଡ୍ରିମ୍‌ସ ପରିବାରର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇ ସଂକଟମୋଚନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଓଡ଼ିଶା ପ୍ଲସ ପକ୍ଷର ଦୁଇ ବିଜେପି ନେତାଙ୍କୁ ସମ୍ବର୍ଦ୍ଧନା

**ମାହାଙ୍ଗା, ୧୬।୬(ସମିସ):** ମାହାଙ୍ଗା ବ୍ଲକର ଦୁଇ ବିଜେପି ଯୁବନେତା ତଥା ସମାଜସେବୀ ବରାହିପୁର ପଞ୍ଚାୟତ ବରାହିପୁର ଗ୍ରାମର ବିଜେପି ଯୁବନେତା ତଥା ସମାଜସେବୀ ଭକ୍ତଚରଣ ସ୍ୱାଇଁ ଓ ଜଳେଶ୍ୱରପୁର ପଞ୍ଚାୟତ କାହ୍ନୁପୁର ଗ୍ରାମର ବିଜେପି ଯୁବନେତା ତଥା ସମାଜସେବୀ ଆଇନଜୀବୀ ଉମେଶ ଚନ୍ଦ୍ର ଭଞ୍ଜଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଟକ ଜିଲ୍ଲା ଟାଙ୍ଗିସ୍ଥିତ ତରତ ଠାରେ ଓଡ଼ିଶା ପ୍ଲସ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଜେପି ଯୁବନେତା ଶ୍ରୀ ସ୍ୱାଇଁ ଓ ଶ୍ରୀ ଭଞ୍ଜଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମେଡାଲ ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ନାଟ୍ୟକାର ମନୋଜ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଏମଏସଏମଇ ଓଡ଼ିଶା ସଦସ୍ୟ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ ସମାଜସେବୀ ଲଲାଟେନ୍ଦୁ ବଡୁ, ସନାତନ ଦାସ, ଲକ୍ଷ୍ମଣ ଦାସ, ଦିଲୀପ ମଲିକ, ତ୍ରୈଲୋକ୍ୟ ନାଥ ଖୁଣ୍ଟିଆ, ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ରଜ ମହୋତ୍ସବ ଉପରେ ଆଲୋଚନା କରିବା ସହ ଓଡ଼ିଶା ପ୍ଲସର ଏଭଳି ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଖିଳ ଚନ୍ଦ୍ର ସାହୁ ସ୍ମାରକୀ ଡ୍ରାମାଟିକ କ୍ଲବ ସଭାପତି, ସମ୍ପାଦକ ଓ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମହେଶ୍ୱର ପ୍ରତିଭା ପରିଷଦର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି, ୧୬।୬(ସମିସ):** ରାମକୃଷ୍ଣପୁର-ଓସ୍ତପୁରସ୍ଥିତ ନାଳିପଡ଼ିଆଠାରେ ଅଗ୍ରଣୀ ଅନୁଷ୍ଠାନ ମହେଶ୍ୱର ପ୍ରତିଭା ପରିଷଦ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ମାଟ୍ରିକ ଟପ୍ପର ଓ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଶେଷ କରି ଏହି ବ୍ଲକର ମାଟ୍ରିକ ଟପ୍ପର ଛାତ୍ର ସ୍ୱରାଜ କୁମାର ନନ୍ଦଙ୍କୁ ସ୍ୱତନ୍ତ୍ର ଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସମାଜସେବୀ ରବୀନ୍ଦ୍ର କୁମାର ପଣ୍ଡା ମାନପତ୍ର, ମେଡ଼ାଲ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଚିତ୍ରୋପ୍ଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବପ୍ରସାଦ କରଙ୍କ ପୌରୋହିତ୍ୟରେ ଏଥିରେ ଅତିଥି ଭାବେ ପରିବାର ସାହିତ୍ୟ ସଂସଦର ସଭାପତି ସୁରଥ କୁମାର ରାଉତ, ଶିକ୍ଷାବିତ୍ ଅବନୀ କୁମାର ମଲିକ, ତ୍ରିଲୋଚନ ପାଲ, ନାରାୟଣ ବେହେରା, ଶରତଚନ୍ଦ୍ର ନାୟକ, ସୁବାସଚନ୍ଦ୍ର ଓଝା, ନିହାରିକା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଦଇତାପତି ସେବାୟତ ନିଯୋଗ ବୈଠକ

**କଟକ, ୧୬।୬(ସମିସ):** ଚଳିତ ବର୍ଷ ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ମହୋତ୍ସବକୁ ସଫଳ କରିବା ପାଇଁ ଆଜି ଦଇତାପତି ସେବାୟତ ନିଯୋଗର ଏକ ପ୍ରସ୍ତୁତି ବୈଠକ ମନ୍ଦିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ଜୁନ ୨୨ ତାରିଖ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାର ଯଥାବିଧି ସମସ୍ତ ନୀତିକାନ୍ତୀ ସୂଚାରୁ ରୂପେ ସମାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ଏହି ଉପଲକ୍ଷେ ଉକ୍ତ ଦିନ ସନ୍ଧ୍ୟାରେ ସିଂହଦ୍ୱାର ସମ୍ମୁଖରେ ଭଜନ ସମାବେଶ କରାଯିବା ପାଇଁ ସ୍ଥିର କରାଯିବା ସହ ଜୁଲାଇ ୭ ଶ୍ରୀଗୁଣ୍ଡିଚାଠାରୁ ୧୯ ତାରିଖ ନୀଳାଦ୍ରି ବିଜୟ ପର୍ଯ୍ୟନ୍ତ ଦୀର୍ଘ ୧୩ ଦିନ ବ୍ୟାପୀ ରଥଯାତ୍ରା ମହୋତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ସମସ୍ତ ସଦସ୍ୟମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ପରିଚାଳନା କମିଟି କର୍ମକର୍ତ୍ତା ଓ ଦଇତାପତି ସେବାୟତ ନିଯୋଗର ସଦସ୍ୟ ପ୍ରତାପକିଶୋର ସିଂହ, ଆଇନଜୀବୀ ବିଶ୍ୱନାଥ ଦାସ, ପ୍ରଦୀପ ସିଂହ, କେ.ଭାସ୍କର ରାଓ, ବିଜୟ ବେହେରା, ଦିଲ୍ଲୀପ ପ୍ରଧାନ, ଅଜୟ ଦାସ, ରାହାସବିହାରୀ ସିଂହ, ରମେଶ ବେହେରା, ବିଜୟ ଦଳେଇ, ମଦନ ବେହେରା, ଗିରିଜା ଦତ୍ତ, ଶଶିକାନ୍ତ ହୋତା, ମନୋଜ ବେହେରା, କୃଷ୍ଣଚନ୍ଦ୍ର ମହାପାତ୍ର, ସତ୍ୟପ୍ରକାଶ ଦାସ, ଶେଷଦେବ ମହାରଣା, ଲୋକନାଥ ଦାସ ଓ ସୁକାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆନନ୍ଦଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଦଇତାପତି ସେବାୟତ ନିଯୋଗର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଦ୍ୱିତୀୟ ବାର୍ଷିକ ବାଦି ପାଲା ଉଦ୍‌ଯାପିତ



**ଟାଙ୍ଗୀ, ୧୬।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମାଗୁରା ଧାନମଣ୍ଡଳ ଓ ଚଡେଇପଦା ଗ୍ରାମର ମିଳିତ ଆନୁକୂଲ୍ୟରେ ହେଉଥିବା ଦ୍ୱିତୀୟ ବାର୍ଷିକ ବାଦି ପାଲା ଉତ୍ସବ ରବିବାର ଉଦଯାପିତ ହୋଇଯାଇଛି। ପାଲା ଗାୟକ ଭାବେ ସୁଶାନ୍ତ ପାଢ଼ୀ ଓ ଅନ୍ୟତମ ଗାୟକ ଭାବେ କିଶୋର ନାୟକଙ୍କ ସହ ଉଭୟଙ୍କ ସାଥୀ ମାନଙ୍କ ଦ୍ୱାରା ତିନିଦିନିଆ ବାଦିପାଲା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟ ଲୋକପ୍ରତିନିଧି, ସମାଜସେବୀ ପ୍ରମୁଖ ଯୋଗଦାନ କରିଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ ତ୍ରିପାଠୀ, ରାମଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ସାହୁ, ନରହରି ସାହୁ, ସୁଶାନ୍ତ ସାହୁ, ସନ୍ତୋଷ ବେହେରା, କ୍ଷୀରୋଦ ସ୍ୱାଇଁ ଓ ଉଭୟ ଗ୍ରାମର ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ।

# ସରକାରୀ ଡେଲ୍‌ଟା ଲେନ୍ ଜମିକୁ ହଡ଼ପ ଅଭିଯୋଗ

କଟକ, ୧୬।୬(ସମିସ)

କେନ୍ଦ୍ରାପଡ଼ା -୧ନମ୍ବର କେନାଲ୍ ରାସ୍ତା ନିର୍ମାଣକୁ ନେଇ ବିବାଦ ସୃଷ୍ଟି ହୋଇଛି। ସାଲେପୁର ବ୍ଲକ ଜଗତପୁର ଥାନା ବହୁଗ୍ରାମ ଗ୍ରାମ ପଞ୍ଚାୟତ ବିଶ୍ୱନାଥପୁର ଗାଁ ୱାର୍ଡ ନମ୍ବର ୧୨ ଏବଂ ୧୩ର ବାସିନ୍ଦା ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ସର୍‌ଜମିନ ତଦନ୍ତ କରି ଅଧାରେ ପଡ଼ିଥିବା ରାସ୍ତାର ନିର୍ମାଣ କାର୍ଯ୍ୟ

**● କେନାଲ୍ ନମ୍ବର-୧ ରାସ୍ତା କାମକୁ ନେଇ ବିବାଦ**

ତ୍ୱରାନ୍ୱିତ କରିବାକୁ ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ରାପଡ଼ା-୧ନମ୍ବର କେନାଲର ବିଶ୍ୱନାଥ ମନ୍ଦିର ଠାରୁ ଚହଟେଶ୍ୱର ମନ୍ଦିର ପର୍ଯ୍ୟନ୍ତ



କେନାଲ ବନ୍ଧ ସମ୍ପ୍ରସାରଣ ଓ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି କେନାଲ୍ ରାସ୍ତାର ମଝି ୧ ହଜାର ମିଟର ରାସ୍ତାରେ ବିବାଦ ଯୋଗୁଁ ମାଟି, ବାଲି କିମ୍ବା ମୋରମ୍ ପଡ଼ି ପାରୁନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା ନିର୍ମାଣ ହୋଇ ପାରୁ ନ ଥିବା ୧ ହଜାର ମିଟର କେନାଲ ବନ୍ଧ କଡରେ ସରକାରଙ୍କ ଡେଲ୍‌ଟା ଲେନ୍ ରହିଛି। ଯେତେବେଳେ କେନାଲ୍ ବନ୍ଧ ସମ୍ପ୍ରସାରଣ ବା ନିର୍ମାଣ କାର୍ଯ୍ୟ କରାଯାଏ, ସେତେବେଳେ ଏହି ଡେଲଟା ଜମିରୁ ମାଟି ଖୋଳାଯାଇ କେନାଲ୍ ବନ୍ଧରେ ପକାଯାଇଥାଏ। ଏବଂ ସମ୍ପୃକ୍ତ ଜମିରେ ରାସ୍ତା ନିର୍ମାଣରେ କାର୍ଯ୍ୟରେ ଆସୁଥିବା ବାଲି ଓ ମୋରମକୁ ଗଦା କରାଯାଏ। କିନ୍ତୁ ୧୩ନମ୍ବର ୱାର୍ଡର ବାସିନ୍ଦା ମହମ୍ମଦ ମୁସ୍ତାକ୍ ସମ୍ପୃକ୍ତ ଡେଲ୍‌ଟା ଲେନ୍‌କୁ ନିଜ ଅକ୍ତିଆରରେ ରଖି ମାଲିକାନା ଜାହିର୍ କରୁଛନ୍ତି। ଉକ୍ତ ଜମିରୁ ମାଟି ଖୋଳାଇ ଦେଉ ନାହାନ୍ତି କିମ୍ବା ସେଠାରେ ବାଲି ଓ ମୋରମ ରଖାଇ ଦେଉନାହାନ୍ତି। ସମ୍ପୃକ୍ତ ଠିକାଦାରଙ୍କୁ ଜାଲ୍ ଜମି ପଟ୍ଟା ଦେଖାଇ ଭ୍ରମିତ କରୁଛନ୍ତି ବୋଲି ଅଭିଯୋଗକାରୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଯଦ୍ୱାରା କେନାଲ୍ ବନ୍ଧ ରାସ୍ତା ହୋଇ ପାରୁନାହିଁ। ୨ଗ୍ରାମର ବାସିନ୍ଦା ଯାତାୟତ ପାଇଁ ହଇରାଣରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହି ଘଟଣାକୁ ଗୁରୁତର ସହିତ ବିଚାରକୁ ନେଇ ସମ୍ପୃକ୍ତ ରାସ୍ତା ନିର୍ମାଣ କରାଇଲେ ୩ଟି ପଞ୍ଚାୟତର ଶହ ଶହ ବାସିନ୍ଦା ଉପକୃତ ହେବେ ବୋଲି ଏସ୍.କେ ଇଜହାର୍ ଅହମ୍ମଦ, ମିର୍ଜା ଅମଜାଦ୍ ଅଲ୍ଲୀ, ଅବଦୁଲ ସତ୍ତାର, ପୂର୍ଣ୍ଣଚନ୍ଦ୍ର ବେହେରା, ସୁଖଦେବ ଭୋଇ, ଉଷାରାଣୀ ଭୋଇ, ସୋନାଲି ଭୋଇ, ଲିସା ସାମଲ ପ୍ରମୁଖ ଦାବି କରିଛନ୍ତି।

## 'ସାଧାରଣ ମଣିଷର ଯନ୍ତ୍ରଣା' ପୁସ୍ତକ ଉନ୍ମୋଚିତ



ଟାଙ୍ଗୀ, ୧୬।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତସ୍ଥ କଲ୍ୟାଣ ମଣ୍ଡପ ପରିସରରେ ନବ ଜୀବନ ସମାଜ ଆନୁକୂଲ୍ୟରେ ଭାଷା ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଲେଖକଙ୍କ ପିତା ଶିଶିର କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ରାନନ୍ଦ ବେହେରା, ଶିକ୍ଷାବିତ ଅନ୍ତର୍ଯ୍ୟାମୀ ଧଳ, ପରିବେଶବିତ୍ ସୁଧାକର ସେଠୀ ଓ ଯୁବ କବି ସିଦ୍ଧେଶ୍ୱର ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ବର୍ତ୍ତମାନ ପରିସ୍ଥିତିରେ ଭାଷା ସାହିତ୍ୟର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସନ୍ତୋଷ କୁମାର ମହାନ୍ତିଙ୍କ ତୃତୀୟ ଲଳିତ ନିବନ୍ଧ 'ସାଧାରଣ ମଣିଷର ଯନ୍ତ୍ରଣା' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଉକ୍ତ ପୁସ୍ତକର ଲେଖକ ଶ୍ରୀ ମହାନ୍ତି ନବ ଜୀବନ ସମାଜର ସାହିତ୍ୟ କାର୍ଯ୍ୟକ୍ରମ ଓ ପୁସ୍ତକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ପ୍ରମୋଦ କୁମାର ବେହେରା ପୁସ୍ତକ ସମୀକ୍ଷା କରିଥିବାବେଳେ ସମ୍ପାଦକ ନରେନ୍ଦ୍ର କୁମାର ବଳ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ, ଉପଦେଷ୍ଟା, ପରାମର୍ଶଦାତା, ସାହିତ୍ୟିକ, କବି ପ୍ରମୁଖ ଉପସ୍ଥିତ ଥିଲେ।

## ଜଳଛତ୍ର କାର୍ଯ୍ୟକ୍ରମ ଉଦ୍‌ଯାପିତ



ଟାଙ୍ଗୀ, ୧୬।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ଉଚ୍ଚ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଫାଟକ ନିକଟରେ ମାସାଧିକ ଧରି ସହାୟ ଅନୁଷ୍ଠାନ ତରଫରୁ ଚାଲିଥିବା ଜଳଛତ୍ର କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ସହାୟର ମୁଖ୍ୟ ତାପସ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ମାଧବ ସେଠୀ, ରାଷ୍ଟ୍ରପତି ଯୁବ ପୁରସ୍କାରପ୍ରାପ୍ତ ଗଙ୍ଗାଧର ବେହେରା ଓ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅଶୋକ ନାଥ ପ୍ରମୁଖ ଯୋଗଦାନ କରି ଚଳିତ ବର୍ଷ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ପାଇଁ ତୃଷାର୍ତ୍ତଙ୍କ ପାଇଁ ସହାୟ ଅନୁଷ୍ଠାନ ତରଫରୁ ମାସାଧିକ କାଳ ଜଳଛତ୍ର କାର୍ଯ୍ୟକ୍ରମ କରାଯାଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରୋଗୀ, ବାଟୋଇ ବହୁ ଉପକୃତ ହୋଇଥିବା ଜଣାପଡ଼ିଛି।

## ୧୯୮୩ ବ୍ୟାଚ ବନ୍ଧୁମିଳନ

ଚୌଦ୍ୱାର, ୧୬।୬(ସମିସ): ମ୍ୟୁନିସିପାଲ ସରକାରୀ ହାଇସ୍କୁଲର ୧୯୮୩ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବଧୀକୁଦସ୍ଥିତ ଶ୍ମଶାନକାଳୀ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଚ୍‌ର ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇ ଭାବର ଆଦାନପ୍ରଦାନ କରିବା ସହିତ ଛାତ୍ର ଜୀବନର ଅଭୁଲା ସ୍ମୃତିଚାରଣ କରିଥିଲେ। ଏହି ଅବସରର ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ କୈଳାସଚନ୍ଦ୍ର ସିଂହଙ୍କ ସମେତ ଅନ୍ୟ ଦିବଙ୍ଗତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଦିବଙ୍ଗତ ଛାତ୍ରଛାତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଦୀର୍ଘଦିନ ପରେ ପରସ୍ପର ମଧ୍ୟରେ ଦେଖାସାକ୍ଷାତ ହୋଇଥିବାରୁ ଉପସ୍ଥିତ ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ, ଦୋଳିଖେଳ ଆଦି ମାଧ୍ୟମରେ ପରିବେଶକୁ ବେଶ ଉପଭୋଗ କରିଥିଲେ। ପ୍ରତିବର୍ଷ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା।



### ବିଧାୟକଙ୍କ ଦ୍ୱାରା ମାହାଙ୍ଗା ଶିକ୍ଷା ବିଭାଗର ସମୀକ୍ଷା

# ଗୁଣାତ୍ମକ ଶିକ୍ଷା ଓ ମଧ୍ୟାହ୍ନ ଭୋଜନକୁ ଗୁରୁତ୍ୱ

ନିଶ୍ଚିନ୍ତକୋଇଲି, ୧୬।୬(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୁଳିଆଠାରେ ଥିବା ବିଧାୟକଙ୍କ କାର୍ଯ୍ୟାଳୟରେ ମାହାଙ୍ଗା ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମାହାଙ୍ଗାର ନବନିର୍ବାଚିତ ବିଧାୟକ ଶାରଦା ପ୍ରଧାନଙ୍କୁ ପ୍ରଥମେ ମଣ୍ଡଳ ଶିକ୍ଷାଧିକାରୀ ଚକ୍ରଧର ବେହେରାଙ୍କ ନେତୃତ୍ୱରେ ସମସ୍ତ ସିଆରସିସି ଓ କାର୍ଯ୍ୟାଳୟର କର୍ମଚାରୀମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବିଧାୟକ ଶ୍ରୀ ପ୍ରଧାନ ମାହାଙ୍ଗା ବ୍ଲକରେ ଥିବା ବିଦ୍ୟାଳୟ ଗୁଡ଼ିକର ସମସ୍ୟା ସଂକ୍ରାନ୍ତରେ ପ୍ରଥମେ ପଚାରି ବୁଝିଥିଲେ। ଆସନ୍ତା ୧୮ ତାରିଖରେ ବିଦ୍ୟାଳୟ ଖୋଲିବା ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କିଭଳି ଉନ୍ନତମାନର ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ ଏବଂ ଏହି ବ୍ଲକରେ ଥିବା ମୋଟ୍ ୨୫୦ଟି ବିଦ୍ୟାଳୟରେ ଶିକ୍ଷକମାନେ କିପରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ ସେଥିପାଇଁ ଯତ୍ନବାନ ହେବାକୁ ସମସ୍ତ ସିଆରସିସି ଓ ଶିକ୍ଷାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଖୁବ୍ ଶୀଘ୍ର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷାଧିକାରୀ ଓ ଶିକ୍ଷା କର୍ମଚାରୀଙ୍କୁ ନେଇ ଏକ ବୈଠକ କରାଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ବିଶେଷ କରି ଏହି ବ୍ଲକରେ କାର୍ଯ୍ୟରତ ଶିକ୍ଷକଙ୍କୁ ସେମାନଙ୍କ ଘର ଠାରୁ ଅନ୍ତତଃ ୧୦ କିମି ଦୂରରେ ଥିବା ବିଦ୍ୟାଳୟକୁ ପଠାଯିବ ଏବଂ ଶିକ୍ଷୟିତ୍ରୀଙ୍କୁ ୩ କିମିରୁ ୫ କିମି ଦୂରତା ମଧ୍ୟରେ ଥିବା ସ୍କୁଲକୁ ପଠାଯିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ବିଇଓଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ପ୍ରତ୍ୟେକ ବିଦ୍ୟାଳୟରେ ନିଶ୍ଚିତ ଗଣିତ ଓ ଇଂରାଜୀ ଶିକ୍ଷକ ନିଯୁକ୍ତି ଦିଆଯିବ, ପ୍ରାର୍ଥନା ପୂର୍ବରୁ ଯେଉଁ ଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ନ ଥିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା। ଯେଉଁ ବିଦ୍ୟାଳୟଗୁଡ଼ିକରେ ପିଲାସଂଖ୍ୟା କମ୍ ଥିବାରୁ ବନ୍ଦ କରାଯିବା ପାଇଁ ତାଲିକା ହୋଇଥିଲା ତାହା ଶୀଘ୍ର କାର୍ଯ୍ୟକାରୀ କରାଯିବା ସହ ପ୍ରତ୍ୟେକ ବିଦ୍ୟାଳୟକୁ ଆବଶ୍ୟକୀୟ ଶିକ୍ଷକ, ଶିକ୍ଷୟିତ୍ରୀ ମଧ୍ୟ ଯୋଗାଇ ଦିଆଯିବ। ବିଇଓ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ଦୁଇଟି କିରାଣୀ ପଦବୀ ଓ ଗୋଟିଏ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ଏବଂ ବାରମ୍ବାର ଛୁଟିରେ ରହୁଥିବା ଏମଆଇସିଙ୍କୁ ପରିବର୍ତ୍ତନ କରାଯିବାକୁ ନେଇ ସମୀକ୍ଷା ମଧ୍ୟ ହୋଇଥିଲା। ବୈଠକରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସୋମନାଥ ରାମ, ସଂଯୁକ୍ତା କୁମାରୀ ଭୋଇ, ଆକାଉଣ୍ଟାଟ ବି.ଜିତେନ କୁମାର, ଏମଡି ସଫି ଅହମ୍ମଦ, ମଧ୍ୟାହ୍ନଭୋଜନ ଡିଇଓ ସ୍ମୃତିରେଖା ମହାପାତ୍ର, ବିଆରଟି ସୁଦର୍ଶନ ଲେଙ୍କା, ସିଆରସିସି ମନୋଜ ଦାସ, ରମାରମଣ ଷଡ଼ଙ୍ଗୀ, ହୃଷୀକେଶ ପାତ୍ର, ଅମରେନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ସିଆରସିସି ଯୋଗଦେଇଥିଲେ।

## ମା' ହରଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା ଓ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି, ୧୬।୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଶନିବାର ସନ୍ଧ୍ୟାରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ନିଶ୍ଚିନ୍ତକୋଇଲି ବ୍ଲକ କେରିଲୋ ପଞ୍ଚାୟତ ଛପଚିକଣାଠାରେ ଥିବା ଆରାଧ୍ୟ ଦେବୀ ମା' ହରଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ବିଧାୟକ ଭାବେ ନିର୍ବାଚିତ ହେବା ପରେ ମାନସିକ ପୂରଣ ପାଇଁ ଏହି ପୂଜାର୍ଚ୍ଚନା କରି ମା'ଙ୍କ କୃପା ଲାଭ କରିଛନ୍ତି। ଏହି ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ତାଙ୍କର ଶତାଧିକ ସମର୍ଥକମାନେ ଯୋଗ ଦେଇଥିଲେ। ନିର୍ବାଚିତ ହେବା ପରେ ପ୍ରଥମ କରି ବିଧାୟକ ଶ୍ରୀ ପ୍ରଧାନ କେରିଲୋ ପଞ୍ଚାୟତକୁ ଗସ୍ତ କରିଥିଲା ବେଳେ ସରପଞ୍ଚଙ୍କ ପ୍ରତିନିଧି ଅଜିତ୍ ନାୟକ, ସମିତିସଭ୍ୟାଙ୍କ ପ୍ରତିନିଧି ବୈକୁଣ୍ଠନାଥ ସିଂ, ନାଏବ ସରପଞ୍ଚଙ୍କ ପ୍ରତିନିଧି ଅଶୋକ ପଣ୍ଡା ପ୍ରମୁଖ ବିଧାୟକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମା ହରଚଣ୍ଡୀ ମନ୍ଦିରର କି କି ବିକାଶମୂଳକ କାର୍ଯ୍ୟକ୍ରମ ବାକି ରହିଛି ତାକୁ କରିବା ପାଇଁ ଏହି ପ୍ରତିନିଧିଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି କପିଳ ଚରଣ ଦାଶ, ଯୁବନେତା ଦେବଦତ୍ତ କର, ଅଜୟ ବେହେରା, ବିକାଶରଞ୍ଜନ ମହାପାତ୍ର, ଅନନ୍ତ ଦାସ, ହରମୋହନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ଜନଜାଗରଣ ପଦଯାତ୍ରା ପ୍ରସ୍ତୁତି ବୈଠକ

କଟକ, ୧୬।୬(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡଳୀସ୍ଥିତ ଏକ ଆମ୍ବବଗିଚାରେ ମା'ମଙ୍ଗଳା ଚାଷୀ ସଂଘର୍ଷ ସମିତି ଆନୁକୂଲ୍ୟରେ ଆସନ୍ତା ୨୦ତାରିଖରେ ଏକ ଜନଜାଗରଣ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ପୂର୍ବାହ୍ନ ୧୦ଟା'ରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଇଂ ଅଭୟ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ସ୍ୱଦେଶୀ ଜାଗରଣ ମଞ୍ଚର ମଣ୍ଡଳ ଅଧିକାରୀ ଶତ୍ରୁଘ୍ନ ତରାଇ, ରାଜ୍ୟ ସଂଯୋଜକ ନିର୍ମଳ ଷଡ଼ଙ୍ଗୀ ଓ ବିଜୟ ରାଉତରାୟଙ୍କ ସମେତ ମୁଣ୍ଡଳୀ ଅଞ୍ଚଳର ଅମୂଲ୍ୟ ରାଉତ, ପ୍ରଶାନ୍ତ ଜେନା, ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ କି ସରକାର ମୁଣ୍ଡଳୀ, ନରାଜ ଓ ରାମଦାସପୁରପୁର ଅଞ୍ଚଳର ଭାତହାଣ୍ଡି (ଚାଷଜମି)କୁ ଚଞ୍ଚକତା କରି ଦଲାଲଙ୍କ ମାଧ୍ୟମରେ ଶାଗ ମାଛ ଦରରେ ନେଇଯାଇଛନ୍ତି ଏବଂ ସେଠାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ମାତ୍ର ଆମେ ସେଠାରେ କୌଣସି ପରିସ୍ଥିତିରେ ଶିଳ୍ପ ପ୍ରତିଷ୍ଠା କରାଇ ଦେବୁନି। ଆସନ୍ତା ୨୦ ତାରିଖରେ ଦୁଇ ହଜାରରୁ ଅଧିକ ଚାଷୀ ତଥା ଜନସାଧାରଣଙ୍କୁ ନେଇ ଏକ ଜନଜାଗରଣ ପଦଯାତ୍ରା ଗୋବିନ୍ଦପୁର ଠାରୁ ବାହାରି ଗୋଡିସାହି ପର୍ଯ୍ୟନ୍ତ ଯିବ। ଏହି ପ୍ରସ୍ତୁତି ବୈଠକରେ ଅରୁଣ ସାହୁ, ଶ୍ରୀକାନ୍ତ ଜେନା, ଅଞ୍ଜନ ରାଉତ, ଅଶ୍ୱିନୀ ସାହୁ, ସରୋଜ ସାହୁ, ବାଇଧର ସାହୁଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ଚାଷୀମାନେ ଉପସ୍ଥିତ ଥିଲେ।



## ପତଞ୍ଜଳି ଯୋଗପୀଠ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ବଡମ୍ବା, ୧୬।୬(ସମିସ): ବଡମ୍ବା ପ୍ରଖଣ୍ଡ ପତଞ୍ଜଳି ପରିବାର ତରଫରୁ ଯୋଗଗୁରୁ ସନାତନ ସାହୁ ଓ ରଜନୀରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ରତାପାଟର ଆଦର୍ଶ ପୋଖରୀ ସଂଲଗ୍ନ ଶିଶୁ ଉଦ୍ୟାନ ପରିସରରେ ପତଞ୍ଜଳି ଯୋଗପୀଠର ଏକଦିବସୀୟ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଓଡ଼ିଶା ସହ ପ୍ରଭାରୀ ସୁନୀଲ କୁମାର ଶର୍ମାଙ୍କ ସଂଯୋଜନାରେ କଟକ ଜିଲ୍ଲାର ପ୍ରଭାରୀ ଶିଶିର କୁମାର ଜେନାଙ୍କ ମାର୍ଗଦର୍ଶନରେ ମୁଖ୍ୟ ଅତିଥିଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ଭାବେ ପତଞ୍ଜଳି ପରିବାରର ତିଗିରିଆ ପ୍ରଭାରୀ ଅଧ୍ୟାପକ ପଦ୍ମନାଭ ଶତପଥୀ, ସମ୍ମାନିତ ଅତିଥିଭାବେ ରତାପାଟ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଛତ୍ର, ଯୋଗଗୁରୁ ଆଶିଷ ହାଲଦାର ଉପସ୍ଥିତ ଥିଲେ। ବଡମ୍ବା ପ୍ରଭାରୀ ଯୋଗଗୁରୁ ସନ୍ତୋଷ ପଟ୍ଟନାୟକ ଓ ପତଞ୍ଜଳି ଯୋଗପୀଠର ବଡମ୍ବା ଓ ତିଗିରିଆର ପ୍ରଚାରକ ଯୋଗାଚାର୍ଯ୍ୟ ପୀତବାସ କରଣ ଏବଂ ତିଗିରିଆ ସହ ପ୍ରଭାରୀ ସୁଭଦ୍ରା ସାହୁ ବଡମ୍ବା ଅଞ୍ଚଳରୁ ଆସିଥିବା ସମସ୍ତ ଭାଇ ଓ ଭଉଣୀମାନଙ୍କୁ ସୂର୍ଯ୍ୟ ନମସ୍କାର, ଆସନ, ପ୍ରାଣାୟାମ ଇତ୍ୟାଦି ଶିଖାଇଥିଲେ। ପରେ ପରେ ପତଞ୍ଜଳି ପରିବାର ତରଫରୁ ଚଳିତ ବିଧାନସଭାକୁ ବଡମ୍ବା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ନୂତନ ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଟକ ଜିଲ୍ଲା ମାର୍ଗ ପ୍ରମୁଖ ରମେଶ ଚନ୍ଦ୍ର ବେହେରା, ଅଧିବକ୍ତା ଅଖିଳ କୁମାର ଦାସ, ଆର୍ଯ୍ୟସମାଜର ଆଦିକନ୍ଦ ବାନପ୍ରସ୍ଥି, ବୈକୁଣ୍ଠନାଥ ସାହୁ, ପ୍ରଭାକର ରାଉତ, ଅନିତାରାଣୀ ସାହୁ, ସୁଶାନ୍ତ କୁମାର ନାୟକ, ଶକ୍ତିଶଙ୍କର ପଟ୍ଟନାୟକ, ମିଥୁନ ବଳିୟାର ସିଂହ, ରାମଚନ୍ଦ୍ର ପାତ୍ର, ଆର୍ତ୍ତତ୍ରାଣ ସାହୁ, ନାରାୟଣ ବେହେରା ଆଗାମୀ ଯୋଗଦିବସ କିପରି ସବୁ ଗାଁ ଗାଁରେ ପାଳିତ ହେବ ସେହି ଉପରେ ବାର୍ତ୍ତା ରଖିଥିଲେ। ସର୍ବଶେଷରେ ବଡମ୍ବା ପତଞ୍ଜଳି ପରିବାରର ପ୍ରଭାରୀ ସନ୍ତୋଷ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଲ୍ଲାରପୁର ରଜ ମହୋତ୍ସବ-୨୦୨୪ ଉଦ୍‌ଯାପିତ



୧୨ କୃତୀ ପ୍ରତିଯୋଗୀ ପୁରସ୍କୃତ

ନିଆଳି, ୧୬।୬(ସମିସ)

ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁରସ୍ଥିତ ମେଳଣପଡ଼ିଆରେ ତିନି ଦିନ ଧରି ଚାଲିଥିବା ଜଲ୍ଲାରପୁର ରଜ ମହୋତ୍ସବ-୨୦୨୪ ରବିବାର ସଂନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ୧୨ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଗତ ତିନି ଦିନ ଧରି ଏହି ମହୋତ୍ସବରେ ସାମୁହିକ ରଜ ଦୋଳି ସମେତ, ପୋଡ଼ପିଠା ଓ ରଜ ପାନର ପସରା ମେଳିଥିବା ବେଳେ ବହୁ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିଲା। ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଲୋକ ଏହାର ମଜା ଉଠାଉଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ପୁଚି, ଝୋଟି, ମେହେନ୍ଦି ଓ ତାସ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରଜ ମହୋତ୍ସବ କମିଟିର ଆବାହକ ତଥା ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ନିଆଳି ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ଛବି ମଲ୍ଲିକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜଲ୍ଲାରପୁର ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ପଣ୍ଡା, ପୂର୍ବତନ ସରପଞ୍ଚ ସର୍ବେଶ୍ୱର ରାଉତ, ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ସୁର ଯୋଗଦେଇଥିଲେ। ଏହି ଅବସରରେ ପୁଚିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରାଇଲକ୍ଷ୍ମୀ ମୁଦୁଲି, ପ୍ରିୟଙ୍କା ପ୍ରିୟଦର୍ଶନୀ ଲେଙ୍କା, ମେହେନ୍ଦିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ମୃତିରେଖା ମଲ୍ଲିକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରିୟଙ୍କା ରାଉତ, ତାସରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନିହାର ରଞ୍ଜନ ନାୟକ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କାହ୍ନା ସ୍ୱାଇଁ, ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କନିଷ୍ଠ ବିଭାଗର ବିଜୟଲକ୍ଷ୍ମୀ ସ୍ୱାଇଁ ଓ ବରିଷ୍ଠ ବିଭାଗର ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ, ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱାତୀ ସୁଚରିତା ଷଡ଼ଙ୍ଗୀ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶୁଭଲକ୍ଷ୍ମୀ ସାହୁଙ୍କୁ ଅତିଥିମାନେ ସିଲ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ଟୁକୁନା ବେହେରା ଧନ୍ୟବାଦ ଦେଇଥିବାବେଳେ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ଉତ୍ସବ

କଟକ, ୧୬।୬(ସମିସ): ବାରଙ୍ଗ ଦାଢ଼ା ପଞ୍ଚାୟତସ୍ଥିତ ଉତ୍କଳମଣି ଉଚ୍ଚ ଉଚ୍ଚବିଦ୍ୟାଳୟ ୨୦୧୦ ମସିହା ମାଟ୍ରିକ୍ ବ୍ୟାଚରେ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଝିଙ୍କରଡିହଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଗୁରୁ ଓ ଶିଷ୍ୟ ପରମ୍ପରା ଉପରେ ଆଲୋଚନା କରିବା ସହ ପୁରୁଣା ଦିନର ଅଭୁଲା ସ୍ମୃତି ସମ୍ପର୍କରେ ଆଲୋଚନା କରି ବିଦ୍ୟାଳୟର କିପରି ଆହୁରି ବିକାଶ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଆମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## କେନ୍ଦୁପାଟଣା ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ

ନିଶ୍ଚିନ୍ତକୋଇଲି, ୧୬।୬(ସମିସ): କେନ୍ଦୁପାଟଣା ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ସ୍ଥାନୀୟ ରାମମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ଅନୁଷ୍ଠିତ ହୋଇ ରବିବାର ଉଦଯାପିତ ହୋଇଛି। ରଜ ମହୋତ୍ସବ କମିଟିର ସଭାପତି ମୋନିକା ଚାନ୍ଦ ଓ ସମ୍ପାଦକ କନକଲତା ଭୂୟାଁଙ୍କ ସଂଯୋଜନାରେ ବିଭିନ୍ନ ପ୍ରକାର ରଜ ଦୋଳି ଲଗାଯାଇଥିଲା। ପ୍ରତ୍ୟେକ ଦିନ ଦୋଳି ଖେଳିବା ପାଇଁ ଝିଅ ବୋହୂମାନେ ଭିଡ଼ ଜମାଇଥିଲେ। ଏହାଛଡ଼ା ଏହି ମହୋତ୍ସବରେ ମ୍ୟୁଜିକ ଚେୟାର, ନୃତ୍ୟ, ସଙ୍ଗୀତ, ହୁଲହୁଲି, ଏକକ ଅଭିନୟ ପ୍ରଭୃତି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରତ୍ୟେକ ଦିନ ଉପସ୍ଥିତ ଲୋକମାନଙ୍କୁ ବିଭିନ୍ନ ପ୍ରକାର ପିଠା ଓ ରଜପାନ ବଣ୍ଟନ କରାଯାଇଥିଲା। ଏହି ରଜ ମହୋତ୍ସବକୁ ମଞ୍ଜୁଲତା ବିଶୋଇ, ମୀନତି ନାୟକ, ଭାରତୀ ବେହେରା, ନଳିନୀ ବେହେରା, ସୁମିତ୍ରା ରାଉତ, ଅଞ୍ଜଳୀ ସାହୁ, ସ୍ୱର୍ଣ୍ଣପ୍ରଭା ଗାହାଣ, କବିତା ବାରିକ, ଗୀତାଞ୍ଜଳି ବାରିକ, ସରସ୍ୱତୀ ବିଶୋଇ, ପଙ୍କଜିନୀ ରାଉତ, ସଂଯୁକ୍ତା ଗାହାଣ, ଲତାରାଣୀ ବେହେରା, କଳ୍ପନା ପୃଷ୍ଟି, ଅନ୍ନପୂର୍ଣ୍ଣା ନାୟକ ପ୍ରମୁଖ ପରିଚାଳନା କରିଥିଲେ।



